# Akashvani, Sambalpur

# SAMBALPURI NEWS BULLETIN

## 24 July 2024- 6.47- 6.52 am.

*********************************************

କେନ୍ଦ୍ର ବଜେଟ୍- ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ବଜେଟ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗରିବ୍, ମହିଳା, ଯୁବବର୍ଗ ଆଉ ଅନ୍ନଦାତା- ଚାଷୀମାନ୍‌କୁ ଗୁରୁତ୍ୱ ଦେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । କେନ୍ଦ୍ର ବଜେଟ୍‌କେ ପ୍ରଶଂସା କରିକରି ସେ କହିଛନ୍ ଯେ, ଇ ବଜେଟ୍‌ଥି କୃଷି ଉତ୍ପାଦକତା, ଦକ୍ଷତା ବିକାଶ୍ ଆଉ ନିଯୁକ୍ତି ସୁଯୋଗ୍ ସୃଷ୍ଟି ଉପରେ ଜୋର୍ ଦିଆଯାଇଛେ, ଯେନ୍‌ଥିର୍‌ଲାଗି ଖାସ୍ କରି ଓଡ଼ିଶାର୍ ଲୁକେ ଲାଭ୍ ପାଏବେ । ସେନ୍ତା ଜନଜାତି ସମ୍ପ୍ରଦାୟର୍ ସାମାଜିକ୍ ଆର୍ ଆର୍ଥିକ୍ ଥିତି ଥି ଉନ୍ନତି ଆନ୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ପ୍ରଧାନ୍‌ମନ୍ତ୍ରୀ ଜନଜାତି ଉନ୍ନତ ଗ୍ରାମ ଅଭିଯାନ୍ ନାଁଥି ଗୁଟେ ନୂଆଁ ଯୋଜ୍‌ନା ଘୋଷ୍‌ନା କରିଛନ୍ । ହେଥିର୍‌ଲାଗି ଓଡ଼ିଶାର୍ ଜନଜାତି ଭାଏ ବହେନ୍ ମାନେ ଖାସ୍ କରି ଲାଭ୍ ପାଏବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ସେଆଡ଼େ  ଆଏଜ୍ ରାଜ୍ୟ ବିଧାନ୍‌ସଭା ନ ଉପବାଚସ୍ଵତି ପଦ ଲାଗି ନିର୍ବାଚନ୍ ହେବା । ଇ ପଦ ଲାଗି ବିଜେପିର ତଳସରା ବିଧାୟକ୍ ଭବାନୀ ଶଙ୍କର୍ ଭୋଇ ନାମାଙ୍କନ୍ ପତ୍ର ଦାଖଲ୍ କରିଥିଲେ । ହେଲେ ବିଜେଡ଼ି କି କଂଗ୍ରେସ୍ ତର୍‌ଫୁ କେହି ପ୍ରାର୍ଥପତ୍ର ଦାଖଲ୍ ନାଇଁ କରିଥିବାର୍‌ନୁ ଶ୍ରୀ ଭୋଇ ନିର୍ଦ୍ୱନ୍ଦଥି ନିର୍ବାଚିତ ହେବେ ବଲି କୁହାଯାଉଛେ । ସେନ୍ତା ଆଏବା କାଏଲ୍ ଅର୍ଥ ବିଭାଗ୍‌ର ଦାୟିତ୍ୱଥି ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୨୦୨୪-୨୫ ଆର୍ଥିକ୍ ବଛ୍‌ରର୍ ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନ୍‌ସଭା ନ ଉପସ୍ଥାପନ୍ କର୍‌ବେ ।

ବଜେଟ୍- ଆଲୋଚନା            ଆର୍‌ଏନ୍‌ୟୁ /ସମ୍ବଲପୁର

ସଂସଦ୍ ନ ବଜେଟ୍ ଅଧିବେଶନ୍‌ର ଆଏଜ୍ ୩ ନମ୍ବର୍ ଦିନ୍ । ଗଲାକାଏଲ୍ ଉପସ୍ଥାପିତ ହେଇଥିବା ୨୦୨୪-୨୫ ଆର୍ଥିକ ବଛର୍ ବଜେଟ୍ ଉପ୍‌ରେ ଆଏଜ୍ ଆଲୋଚନା ହେବା ବଲି ସୂଚ୍‌ନା ମିଲିଛେ ।

ଓଡ଼ିଶାର୍ ନୂଆଁ ମୁଖ୍ୟ ନିର୍ବାଚନ            ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୦୧ ବେଚ୍‌ର ଭାରତୀୟ ପ୍ରଶାସନିକ ସେବା - ଆଇଏଏସ୍ ଅଧିକାରୀ ଆର୍.ସନ୍ଥନାଗୋପାଲନ୍ ଓଡ଼ିଶାର୍ ନୂଆଁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହେଇଛନ୍ । ନିକୁଞ୍ଜ ବିହାରୀ ଧଲଙ୍କର୍ ଜାଗା ନ ତାଙ୍କୁ ନୂଆଁ ନିଯୁକ୍ତି ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍କାର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଭାବେ ୩ ଝନିଆ ପେନେଲ୍‌ର ନାଁକେ ଭାରତ୍‌ର ନିର୍ବାଚନ୍ କମିଶନ୍‌ଙ୍କର୍ ପାଖ୍‌କେ ପଠେଇଥିଲେ । ସେଥିର୍‌ଭିତ୍‌ରୁ ଆର୍.ସନ୍ଥନାଗୋପାଲନ୍ ଙ୍କର୍ ନାଁକେ ଭାରତୀୟ ନିର୍ବାଚନ୍ କମିଶନ୍ ଅନୁମୋଦନ୍ କରିଛନ୍ ।

ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସଡ଼କ ଦୁର୍ଘଟଣାକେ ରୁକ୍‌ବାର୍ ଆର୍ ଯାତ୍ରୀ ସୁରକ୍ଷା ଉପ୍‌ରେ ଜୋର୍ ଦେଇକରି କଡ଼ାକଡ଼ି ନିୟମ୍ ପାଲନ୍ କର୍‌ବାର୍‌କେ ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ନିର୍ଦ୍ଦେଶ୍ ଦେଇଛନ୍ । ଇ ନିର୍ଦ୍ଦେଶ୍ ଉତ୍‌ରୁ ରାଜ୍ୟ ପରିବହନ୍ କମିଶନର୍ ଅମିତାଭ୍ ଠାକୁର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ । ବିନା ଫିଟ୍‌ନେସ୍ ଆଉ ପଞ୍ଜିକରଣ୍ ସାର୍ଟିଫିକେଟ୍‌ଥି

ରାସ୍ତା ନ ଚାଲୁଥିବା ଗାଡ଼ି ମାନ୍‌କର୍ ବିରୋଧ୍ ନ କଠୋନ୍ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କରାଯିବା । ଖାଲି ଜରିମାନା ନାଇଁ ଆଇନ୍ ଅନ୍‌ସାରେ ଇ ଗାଡ଼ିମାନ୍‌କେ ଜବତ୍ କରାଯିବା ଆର୍ ମାଲିକ୍ ବିରୋଧ୍ ନ ମାମ୍‌ଲା ରୁଜୁ ହେବା ବଲି ନିଷ୍ପତି ନିଆଯାଇଛେ । ରାଏଜେ ଫିଟ୍‌ନେସ୍ ଆର୍ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ଯାଂଚ୍ ପ୍ରକ୍ରିୟାକେ ଜୋର୍ କର୍‌ବାର୍ ଲାଗି ସବୁ ପରିବହନ୍ ଅଧିକାରୀଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଉତର୍ ଓଡ଼ିଶା ବିକାଶ୍ ପରିଷଦ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଉତର୍ ଓଡ଼ିଶା ବିକାଶ୍ ପରିଷଦ୍ ଗଠନ୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ଟାସ୍କଫୋର୍ସ ଗଠନ୍ କରିଛନ୍ । ଗୃହ ନିର୍ମାଣ ଆର୍ ନଗର୍ ଉନ୍ନୟନ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଇ ଟାସ୍କଫୋର୍ସର ଅଧ୍ୟକ୍ଷ ଭାବେ ନିଯୁକ୍ତ ହେଇଛନ୍ । ଇ ଟାସ୍କଫୋର୍ସଥି ୮ ଝନ୍ ସଦସ୍ୟ ଅଛନ୍ । ଇ ସଦସ୍ୟମାନ୍‌କର୍ ଭିତ୍‌ରେ ମନ୍ତ୍ରୀ, ସାଂସଦ୍ ଆଉ ବିଧାୟକ୍‌ମାନେ ରହିଛନ୍ ।

ବନକଲାଗି ନୀତି ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁଙ୍କର୍ ବନକଲାଗି ନୀତି ହେବା । ଦ୍ୱିତୀୟ ଭୋଗ ମଣ୍ଡପ୍ ଉତ୍‌ରୁ ଇ ନୀତି ମୁଲ୍ ହେବା । ନୀତି ସମିଆଥି ମାହାପୁରୁଙ୍କର୍ ଦର୍ଶନ୍ ଉପ୍‌ରେ କଟ୍‌କନା ରହେବା । ଇଥିର୍‌ଲାଗି ସଞ୍ଜର୍ ୬ ବଜେନୁ ରାତି ୧୦ ବଜେତକ୍ ସାଧାରଣ୍ ଲୋକ୍ ମାହାପୁରୁଙ୍କର୍ ଦର୍ଶନ୍ ନାଇଁ କରିପାରନ୍ । ଇ ବାବ୍‌ଦେ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ଲେପ୍‌ଟପ୍ ସ୍କଲାର୍‌ସିପ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଲେପ୍‌ଟପ୍ ସ୍କଲାର୍‌ସିପ୍ - ୨୦୨୩-୨୪ ଲାଗି ଛାତ୍ରଛାତ୍ରୀମାନେ ଫେର୍‌ଘାଏ ଆବେଦନ୍ କରିପାର୍‌ବେ । ଆଏବା ୨୫ ତାରିଖ୍‌ନୁ ଅଗଷ୍ଟ ୨୩ ତାରିଖ୍‌ତକ୍ ଷ୍ଟେଟ୍ ସ୍କଲାର୍‌ସିପ୍ ପୋର୍ଟାଲ୍‌ଥି ଆବେଦନ୍ କର୍‌ବାର୍ ଲାଗି ସୁଯୋଗ୍ ମିଲ୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୩-୨୪ ଶିକ୍ଷା ବଛର୍ ଲାଗି ଲେପ୍‌ଟପ୍ ପାଏବାର୍‌କେ ଯୋଗ୍ୟ ହେଇଥିବା ଆଉ ଆବେଦନ୍ ନାଇଁ କରିଥିବା

ଛାତ୍ରଛାତ୍ରୀମାନ୍‌କର୍ ତାଲିକା ଷ୍ଟେଟ୍ ସ୍କଲାର୍‌ସିପ୍ ପୋର୍ଟାଲ୍‌ଥି ଅପ୍‌ଲୋଡ୍ ହେଇଛେ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୮ ତାରିଖ୍ ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୨ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ନରେନ୍ଦ୍ର ମୋଦୀ ଆପ୍ କି ମାଇ ଗଭ୍ ଓପନ୍ ଫୋରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଲୁକ୍‌କର୍ ଠାନୁ ଆଏବା ୨୬ ତାରିଖ୍‌ତକ୍ ମତାମତ୍ ଆହ୍ୱାନ୍ କରିଛନ୍ । ଇତାର୍‌ଛଡ଼ା ମାହାଲିଆ ଫୋନ୍ ନମ୍ବର୍ ୧୮୦୦-୧୧-୭୮୦୦ କେ ଡାଏଲ୍ କରିକରି ସେମାନେ ସେମାନ୍‌କର୍ ସନ୍ଦେଶ୍ ହିନ୍ଦୀ କି ଇଂରାଜୀଥି ରେକର୍ଡ୍ କରେଇପାର୍‌ବେ । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍

ଇଟା ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍‌ପ୍ରକଳ୍ପ ଆର୍‌ଏନ୍‌ୟୁ /ସମ୍ବଲପୁର

ଖୋର୍ଦ୍ଧା- ବଲାଙ୍ଗିର୍ ରେଲ୍‌ପ୍ରକଳ୍ପ କାମ୍ ରେଲ୍‌ବାଇ ତର୍‌ଫୁ ଜୋର୍‌ସୋର୍‌ଥି ଚାଲିଛେ । ମାଧୋପୁର ବନ ରେଞ୍ଜ୍‌ର ସଂରକ୍ଷଣ୍ ଜଙ୍ଗଲ୍ ଅଧୀନ୍‌ଥି ଥିବା ଆଡ଼େଣିଗଡ଼ - ଚାରିଛକ ରେଲ୍‌ସେକ୍ସନ୍ ଭିତ୍‌ରେ ୪ ହଜାର୍ ଶହେ ୮୫ ମିଟର୍ ଲମ୍ବା ଗୁଟେ ଟନେଲ୍ ସହେତେ ଜାତୀୟ ରାଜପଥକେ ଜୁଡୁଥିବା ଗୁଟେ ଏସ୍‌କେପ୍ ଟନେଲ୍‌ର ଶେଷ୍ ହେଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଖୋର୍ଦ୍ଧାରୋଡ୍- ବଲାଙ୍ଗିର୍ ରେଲ୍‌ପ୍ରକଳ୍ପର୍ ମୋଟ୍ ୩ ଶହ ୧ କିଲୋମିଟର୍ ଭିତ୍‌ରୁ ଶହେ ୫୨ ଦଶ୍‌ମିକ୍ ୮ /ଶୂନ୍/ ୫ କିଲୋମିଟର୍ କାର୍ଯ୍ୟକ୍ଷମ ହେଉଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଏଛେନ୍ ମଧ୍ୟପ୍ରଦେଶ୍ ଉପ୍‌ରେ ରହିକରି ଗୁଟେ ଟ୍ରଫ୍ ଲାଇନ୍ ଓଡ଼ିଶାତକ୍

ଆସିଛେ । ଇତାର୍‌ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍ ଆର୍ ବୌଦ୍ଧ ସହେତେ ରାଜ୍ୟର୍ ୮ ଟା ଜାଗା ନ ଜବର୍ ବର୍ଷା ହେଇପାରେ । ସେନ୍ତା ଝାର୍‌ସୁଗୁଡ଼ା, ବଲାଙ୍ଗିର୍, ବର୍‌ଗଡ଼୍, ସୁବର୍ଣ୍ଣପୁର୍, ନୂଆପଡ଼ା ଆଉ ସୁନ୍ଦର୍‌ଗଡ଼ ସହେତେ ୧୬ ଟା ଜିଲ୍ଲା ନ କମ୍‌ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।